# NATIONAL NEWS BULLETIN (ODIA)

## 7 March - 2026

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ବିମାନ ସଂଯୋଗ ଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ସହ ବିକାଶର ନୂତନ ଦ୍ୱାର ଉନ୍ମୁକ୍ତ ହୋଇଥାଏ ।

– ନୂତନ କୋଟା-ବୁଣ୍ଡି ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦର ଶିଳାନ୍ୟାସ କାର୍ଯ୍ୟକ୍ରମରେ କହିଲେ ପ୍ରଧାନମନ୍ତ୍ରୀ ।

- ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ।

– ଆସନ୍ତାକାଲି ନୂଆଦିଲ୍ଲୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦେବେ ଉଦ୍‌ବୋଧନ ।

- ଦେଶରେ ଅନୁପ୍ରବେଶ ଏବଂ ଜବରଦଖଲ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ହାଇଦ୍ରାବାଦ୍‌ରେ ଆଜି ଆତ୍ମସମର୍ପଣ କଲେ ୧୩୦ ଜଣ ମାଓବାଦୀ ।

ଏବଂ

- ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଆସନ୍ତାକାଲି ଅହମ୍ମଦାବାଦରେ ଅନୁଷ୍ଠିତ ହେବ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ।

## ପିଏମ୍-ୱେବିନାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆକାଶମାର୍ଗ ଦ୍ୱାରା ବିଭିନ୍ନ ଅଞ୍ଚଳ ମଧ୍ୟରେ ସଂଯୋଗ ଯୋଗୁଁ ଦ୍ରୁତତମ ଏବଂ ବ୍ୟାପକ ବିକାଶ ସମ୍ଭବପର ହୋଇଥାଏ । ଆଜି ନୂତନ କୋଟା-ବୁଣ୍ଡି ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦରର ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ଏକ ଭିଡ଼ିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୧୪ ମସିହା ପୂର୍ବରୁ ଭାରତରେ ମାତ୍ର ୭୦ଟି ବିମାନ ବନ୍ଦର ରହିଥିଲା । ଏବେ ଏହାର ସଂଖ୍ୟା ୧୬୦ରୁ ଊର୍ଦ୍ଧ୍ୱ ହୋଇଛି । ସେ କହିଛନ୍ତି, ଦିଲ୍ଲୀ ପାଖାପାଖି ଅନେକ ବିମାନ ବନ୍ଦର ମଧ୍ୟ ବିକଶିତ କରାଯାଇଛି । ବିମାନ ବନ୍ଦର ନିର୍ମାଣ ଦ୍ୱାରା ଉଦ୍ୟୋଗ ଶିଳ୍ପ ଏବଂ ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହିତ କରାଯାଇଥାଏ ଏବଂ ସେହି ଅଞ୍ଚଳର ଆର୍ଥିକ କାର୍ଯ୍ୟକଳାପ ତ୍ୱରାନ୍ୱିତ ହୋଇପାରିଥାଏ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, କୋଟା ବିମାନ ବନ୍ଦର ଦ୍ୱାରା କୋଟା ଏବଂ ଏହାର ଆଖପାଖ ଅଞ୍ଚଳର ବିକାଶ ପାଇଁ ନୂତନ ଦ୍ୱାର ଉନ୍ମୁକ୍ତ ହୋଇପାରିବ **।VO-**

ଏହି ଅବସରରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, କିଛି ଦଶନ୍ଧି ଧରି କୋଟାଠାରେ ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦର ନିର୍ମାଣ ପାଇଁ ଦାବି ହୋଇଆସୁଥିଲା । ସେହି ସ୍ୱପ୍ନ ଏବେ ବାସ୍ତବରେ ରୂପାନ୍ତରିତ ହୋଇଛି । କୋଟାରେ ସଡ଼କ ଏବଂ ରେଳ ଯୋଗାଯୋଗ ଉନ୍ନତଧରଣର ରହିଛି । ଏଥିସହିତ ସେଠାରେ ପର୍ଯ୍ୟାପ୍ତ ଶକ୍ତି ଏବଂ ଜଳଉତ୍ସ ରହିଛି । କୋଟାରେ ବିମାନ ଯୋଗାଯୋଗ ଶୁଭାରମ୍ଭ ଦ୍ୱାରା ବିକାଶର ନୂତନ ପରିସର ଆହୁରି ବ୍ୟାପକ ହୋଇପାରିବ ବୋଲି ସେ କହିଛନ୍ତି ।

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା କହିଛନ୍ତି, ତାଙ୍କ ସରକାର କରିଥିବା ସମସ୍ତ ପ୍ରତିଶ୍ରୁତି ଦ୍ରୁତ ବେଗରେ ପୂରଣ କରୁଛି । କୋଟା ଅଞ୍ଚଳରେ ଅନେକ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜାରାପୁ ରାମ ମୋହନ ନାଇଡୁ କହିଛନ୍ତି, ଆସନ୍ତା ଦୁଇ ବର୍ଷ ମଧ୍ୟରେ ଏହି ବିମାନ ବନ୍ଦର ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ଏବଂ ଏହା ପରେ ବିମାନ ଚଳାଚଳ ଆରମ୍ଭ ହେବ । ବିମାନ ବନ୍ଦର ନିର୍ମାଣ କାର୍ଯ୍ୟ ପାଇଁ ୧୫ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

# ପିଏମ୍-ଦିଲ୍ଲୀ ପ୍ରୋଜେକ୍ଟସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ପ୍ରାୟ ୩୩ ହଜାର ୫୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ୧୮ ହଜାର ୩୦୦ କୋଟି ଟଙ୍କା ବ୍ୟୟରେ  ଦିଲ୍ଲୀ ମେଟ୍ରୋ ପ୍ରକଳ୍ପର ଦୁଇଟି ନୂତନ କରିଡରକୁ ଉଦ୍‌ଘାଟନ କରିବା ସହିତ ପଞ୍ଚମ ପର୍ଯ୍ୟାୟ ଅଧୀନରେ ୧୬ କିଲୋମିଟରରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ୩ଟି ନୂତନ କରିଡରର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

ଦୁଇଟି କରିଡ଼ର ମଧ୍ୟରେ ୧୨ ଦଶମିକ୍ ୩ କିଲୋମିଟର ଦୀର୍ଘତା ବିଶିଷ୍ଟ ମଜଲିସ୍ ପାର୍କ-ମୌଜପୁର-ବାବରପୁର ପିଙ୍କ୍‌ଲାଇନ୍ କରିଡ଼ର ଏବଂ  ୯ ଦଶମିକ୍ ୯ କିଲୋମିଟର ଦୀର୍ଘତା ବିଶିଷ୍ଟ ଦୀପାଳି ଚୌକ-ମଜଲିସ୍ ପାର୍କ ମାଜେଣ୍ଟା ଲାଇନ୍ କରିଡ଼ର ରହିଛି । ନୂଆ ଯୋଗାଯୋଗ ଫଳରେ ଦିଲ୍ଲୀର ବୁରାରୀ, ଜଗତପୁର-ୱାଜିରାବାଦ, ଖଜୋରି ଖାସ, ଭଜନପୁରା, ଯମୁନା ବିହାର, ମଧୁବନ ଚୌକ ଆଦି ଅଞ୍ଚଳର ଲୋକମାନେ ଉପକୃତ ହେବେ ।  ଜିପିଆର୍‌ଏ ପୁନଃ ବିକାଶ ଯୋଜନା ଅଧୀନରେ ଶ୍ରୀ ମୋଦୀ ୧୫ ହଜାର ୨୦୦ କୋଟି ଟଙ୍କାର କେତେକ ଆବାସିକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ସେହିପରି

ସରକାରୀ କର୍ମଚାରୀଙ୍କ ପାଇଁ ୯ ହଜାର ୩୫୦ ଅତ୍ୟାଧୁନିକ ଫ୍ଲାଟ୍‌ର ପୁନର୍ବିକାଶ ଯୋଜନା ରହିଛି ।

## ପିଏମ୍-ନେପାଳ ଇଲେକ୍‌ସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଫଳ ଏବଂ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପରିଚାଳନା ପାଇଁ ନେପାଳର ସରକାର ଓ ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ନେପାଳୀ ଭାଇଭଉଣୀମାନେ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଥିବାରୁ ସନ୍ତୋଷ ପ୍ରକାଶ କରିଛନ୍ତି । ଏହା ନେପାଳର ଗଣତାନ୍ତ୍ରିକ ଯାତ୍ରାରେ ଏକ ଐତିହାସିକ ଗୌରବର ମୁହୂର୍ତ୍ତ ବୋଲି ସେ କହିଛନ୍ତି ।

## ପ୍ରେଜ୍-ୱିମେନ୍ସ ଡେ

ଆନ୍ତର୍ଜାତିକ ମହିଳା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ସମସ୍ତ ନାଗରିକ ବିଶେଷ କରି ମହିଳାମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି । ସେ ତାଙ୍କ ବାର୍ତ୍ତାରେ କହିଛନ୍ତି, ମହିଳାମାନେ ହେଉଛନ୍ତି ସମାଜ ତଥା ଦେଶର ଭିତ୍ତିଭୂମି । ଶିକ୍ଷିତ, ଆତ୍ମନିର୍ଭରଶୀଳ ଏବଂ ସଶକ୍ତ ମହିଳା ଏକ ସମୃଦ୍ଧ ଏବଂ ବିକାଶଶୀଳ ରାଷ୍ଟ୍ର ଗଠନ ଦିଗରେ ସହାୟକ ହୋଇପାରିବେ । ମହିଳାମାନେ ଶିକ୍ଷା, ବିଜ୍ଞାନ,

କ୍ରୀଡ଼ା, କଳା ଏବଂ ପ୍ରତିରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ପ୍ରତିଭା ଏବଂ କଠିନ ପରିଶ୍ରମ ଦର୍ଶାଇଥିବା ସେ କହିଛନ୍ତି । ଆଜିର ଯୁବ ମହିଳାବର୍ଗ ନୂତନ ଭାରତର ସ୍ୱପ୍ନ ସାକାର କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନାଗରିକଙ୍କୁ ମହିଳାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବାକୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ମହିଳାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ମାନେକ୍‌ସା କେନ୍ଦ୍ରଠାରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସମ୍ବୋଧନ କରିବେ । ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି କାର୍ଯ୍ୟକ୍ରମରେ ସଶସ୍ତ୍ର ବାହିନୀ, ପୁଲିସ୍ ତଥା ଅନ୍ୟାନ୍ୟ କ୍ଷେତ୍ରର ପ୍ରତିନିଧିଙ୍କ ସମେତ ବିଭିନ୍ନ ମନ୍ତ୍ରଣାଳୟ ଓ ସଂଗଠନରେ କାର୍ଯ୍ୟରତ ପ୍ରାୟ ୧ ହଜାରରୁ ଅଧିକ ମହିଳା ପ୍ରତିନିଧି ଏଥିରେ ଅଂଶ ଗ୍ରହଣ କରିବେ ।

## ଉତ୍ତରାଖଣ୍ଡ-ଅମିତ ଶାହା

କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଦେଶ ମଧ୍ୟରେ ଅନୁପ୍ରବେଶ ଏବଂ ଜବରଦଖଲ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ଜାରି ରହିଛି । ଉତ୍ତରାଖଣ୍ଡ ସରକାରଙ୍କ ୪ ବର୍ଷ ପୂର୍ତ୍ତି ଅବସରରେ

ହରିଦ୍ୱାର ଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ପାକିସ୍ତାନ ଏବଂ ଆଫ୍‌ଗାନିସ୍ତାନରୁ ଆସିଥିବା ପ୍ରାୟ ୨୦୦ ଜଣଙ୍କୁ ହରିଦ୍ୱାରଠାରେ ନାଗରିକତ୍ୱ ପ୍ରଦାନ କରାଯାଇଛି । ଧାର୍ମିକ ଅତ୍ୟାଚାରର ସମ୍ମୁଖୀନ ହୋଇ ଭାରତକୁ ଆସିଥିବା ଲୋକମାନଙ୍କୁ ନାଗରିକତ୍ୱ ସଂଶୋଧନ ଆଇନ୍ ଅନୁଯାୟୀ ନାଗରିକତା ପ୍ରଦାନ କରାଯିବା ଉଚିତ୍ ବୋଲି ଶ୍ରୀ ଶାହା କହିଛନ୍ତି । **VO**

# ହାଇଦ୍ରାବାଦ-ମାଓଇଷ୍ଟ ସରେଣ୍ଡର

ଦେଶରେ ମାଓବାଦୀ ନିରୋଧି କାର୍ଯ୍ୟକ୍ରମ ଅଧୀନରେ ଆଜି ହାଇଦ୍ରାବାଦ୍ ସ୍ଥିତ ସମନ୍ୱିତ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ରଠାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭାନ୍ତ ରେଡ୍ଡୀଙ୍କ ସମ୍ମୁଖରେ ୧୩୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ।  ଏହି ଗୋଷ୍ଠୀରେ ତିନିଜଣ ରାଜ୍ୟ କମିଟି ସଦସ୍ୟ, ଜଣେ ଆଞ୍ଚଳିକ କମିଟି ସଦସ୍ୟ ଏବଂ ୧୦ ଜଣ ଡିଭିଜନାଲ୍ କମିଟି ସଦସ୍ୟ ରହିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ୧୨୪ଟି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ହସ୍ତାନ୍ତର କରିଛନ୍ତି ।

ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ରେଡ୍ଡୀ  କହିଛନ୍ତି, ବିପୁଳ ସଂଖ୍ୟାରେ ମାଓବାଦୀଙ୍କ ଆତ୍ମସମର୍ପଣ  ଗଣତନ୍ତ୍ର ପାଇଁ ବିଜୟ । ତେଲଙ୍ଗାନାରେ ୨୦୨୪ ମସିହା ଜାନୁଆରୀ ମାସ ପରଠାରୁ ୭୨୧ ଜଣ

ମାଓବାଦୀ ଆତ୍ମସମର୍ପଣ କରି ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି ବୋଲି ଶ୍ରୀ ରେଡ୍ଡୀ କହିଛନ୍ତି ।

## ଗୋୟଲ-ରାଇସିନା

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆଜି କହିଛନ୍ତି, ଗୁରୁତର ପରିସ୍ଥିତିରେ କୌଣସି ବାଣିଜ୍ୟିକ କାରବାରରେ ଅଂଶିଦାରମାନଙ୍କ ସହିତ ଭାରତ ବୁଝାମଣା କରିନାହିଁ । ନୂଆଦିଲ୍ଲୀ ଠାରେ ତୃତୀୟ ତଥା ଚୂଡ଼ାନ୍ତ ରାଇସିନା କଥାବାର୍ତ୍ତା ୨୦୨୬ ଅବସରରେ ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ସମସ୍ତ ବାଣିଜ୍ୟିକ କାରବାରରେ ସରକାର ଦେଶର ଜାତୀୟ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିଛନ୍ତି । ଗତ ଦଶନ୍ଧିରେ ଭାରତ ଆତ୍ମବିଶ୍ୱାସୀ ରାଷ୍ଟ୍ର ଭାବେ ଉଭା ହୋଇଥିବା ସେ କହିଛନ୍ତି । ଏବେ ଦେଶ ସମଗ୍ର ବିଶ୍ୱ ସହ ପ୍ରତିଯୋଗିତା ମନୋଭାବ ନେଇ କାର୍ଯ୍ୟ କରିପାରୁଥିବା ଶ୍ରୀ ଗୋୟଲ ସୂଚନା ଦେଇଛନ୍ତି । ଶ୍ରୀ ଗୋୟଲ କହିଛନ୍ତି, ବାଣିଜ୍ୟିକ ଭାଗିଦାରିତା କ୍ଷେତ୍ରରେ ବିଶ୍ୱବ୍ୟାପି ଓ୍ୱେବ୍ ସୃଷ୍ଟି କରିବା ଲାଗି ଭାରତର ଆଭିମୁଖ୍ୟ ରହିଛି ।

# ଜନଔଷଧୀ ଦିବସ

ଅଷ୍ଟମ ଜନଔଷଧୀ ଦିବସ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ଗୁଣାତ୍ମକ ଜେନେରିକ୍ ଔଷଧ ପ୍ରଦାନ ଲକ୍ଷ୍ୟ ନେଇ କାର୍ଯ୍ୟକାରୀ କରାଯାଇଥିବା ଏହି ଯୋଜନା ସଂପର୍କରେ ଅଧିକ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ପ୍ରତିବର୍ଷ ମାର୍ଚ୍ଚ ମାସ ୭ ତାରିଖକୁ ଜନଔଷଧୀ ଦିବସ ଭାବେ ପାଳନ କରାଯାଇଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଭାରତୀୟ ଜନଔଷଧି ପରିଯୋଜନା ସମାଜ ଉପରେ ସକାରାତ୍ମକ ପ୍ରଭାବ ପକାଇଛି । ଅଗଣିତ ପରିବାର ଏହା ଦ୍ୱାରା ସୁଫଳ ପାଇବା ସହ ସେମାନଙ୍କର ସ୍ୱାସ୍ଥ୍ୟସେବା ବାବଦ ଖର୍ଚ୍ଚ ମଧ୍ୟ ହ୍ରାସ ପାଇଛି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଏହି ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ଯୋଜନାର ସମସ୍ତ ହିତାଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, ଏହି ପଦକ୍ଷେପ ଦ୍ୱାରା ଦେଶର ଗରିବ ନାଗରିକ ଉପକୃତ ହୋଇପାରିଛନ୍ତି । ଔଷଧ କିଣାରେ ସୃଷ୍ଟି ହେଉଥିବା ଆର୍ଥିକ ପରିସ୍ଥିତିରୁ ସେମାନେ ମୁକ୍ତ ହୋଇପାରିଛନ୍ତି । ଆଜି ଦେଶରେ ପ୍ରାୟ ୧୮ ହଜାର ଜନଔଷଧି କେନ୍ଦ୍ର ରହିଥିବା ସେ ସୂଚନା ଦେଇଛନ୍ତି ।

# କ୍ରିକେଟ୍ ୱାର୍ଲ୍ଡକପ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଆସନ୍ତାକାଲି ଅହମ୍ମଦାବାଦ ସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ଇଂଲଣ୍ଡକୁ ୭ରନ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି ।

ଅନ୍ୟ ପକ୍ଷରେ ଅଧିନାୟକ ମିଚେଲ୍ ସାଣ୍ଟେନର୍‌ଙ୍କ ନେତୃତ୍ୱାଧିନ ନ୍ୟୁଜିଲାଣ୍ଡ ଦଳ ଦକ୍ଷିଣ ଆଫ୍ରିକା ବିରୋଧରେ ୯ ୱିକେଟ୍‌ରେ ବିଜୟ ଲାଭ କରି ଫାଇନାଲ୍‌କୁ ଉନ୍ନିତ ହୋଇଥିଲା । ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ଟି-ଟ୍ୱେଣ୍ଟି ମ୍ୟାଚ୍ ଗୁଡ଼ିକରେ ଭାରତ ୧୮ଟିରେ ବିଜୟ ଲାଭ କରିଥିବା ବେଳେ ନ୍ୟୁଜିଲାଣ୍ଡ ୧୧ଟିରେ ବିଜୟ ଲାଭ କରିଛି ।